# NATIONAL NEWS BULLETIN (ODIA)

## 24 April - 2024

## Morning Bulletin : 7.15 A.M.

*************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ଆଜି ଡେରାଡୁନ୍‌ର ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଠାରେ ଭାରତୀୟ ବନସେବା ପ୍ରଶିକ୍ଷଣାର୍ଥୀଙ୍କ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।
- ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ ।
- ଦେଶରେ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଢ଼ାଞ୍ଚାଗତ ଉନ୍ନତି ଲକ୍ଷ୍ୟରେ ୟୁଜିସି ପକ୍ଷରୁ ନୂଆଦିଲ୍ଲୀ ଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି ।
- ଦିଲ୍ଲୀରେ ଗତକାଲି ପ୍ରତିକୂଳ ପାଗ ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଅବତରଣ କରିବାକୁ ଥିବା ୧୫ଟି ବିମାନକୁ ଅନ୍ୟ ବିମାନ ବନ୍ଦରକୁ ସ୍ଥାନାନ୍ତରଣ କରାଯାଇଥିଲା ।

ଏବଂ

● ଆଇପିଏଲ୍‌ରେ  ଗତକାଲି ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି ।

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତରାଖଣ୍ଡକୁ ଗତକାଲିଠାରୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ଆଜି ଡେରାଡୁନ୍‌ର ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଠାରେ ଭାରତୀୟ ବନସେବା ପ୍ରଶିକ୍ଷଣାର୍ଥୀଙ୍କ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଇନ୍ଦିରା ଗାନ୍ଧୀ ଜାତୀୟ ଫରେଷ୍ଟ ଏକାଡେମୀର ୯୯ ଜଣ ପ୍ରଶିକ୍ଷଣାର୍ଥୀଙ୍କ ସହ ୨ ଜଣ ଟ୍ରେନି ଅଫିସର ସେଠାରେ ପ୍ରଶିକ୍ଷଣ ନେଉଛନ୍ତି । ୨୦୨୨-୨୪ ପାଠ୍ୟକ୍ରମରେ ଭୁଟାନର ୨ ଜଣ ଅଧିକାରୀଙ୍କୁ ଟ୍ରେନି ଅଫିସର ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ମଧ୍ୟପ୍ରଦେଶରେ ୧୫ ଜଣ ଏବଂ ଉତ୍ତରାଖଣ୍ଡରେ ୩ ଜଣ  ବନବିଭାଗ ଅଧିକାରୀ ଭାବେ ଯୋଗଦେବେ ।

## ମହା ଅମରାବତୀ ର୍‍ୟାଲି

ବରିଷ୍ଠ  କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ଅନ୍ତର୍ଗତ ପରଟୱାଡ଼ା ଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ । ଅମରାବତୀ ଲୋକସଭା ଆସନରୁ ଦଳୀୟ ପ୍ରାର୍ଥୀ ବଲୱନ୍ତ ୱାଙ୍ଖ୍‌ଡେଙ୍କ ପାଇଁ ସେ ପ୍ରଚାର କରିବେ । ଏହି ଆସନରୁ ଶ୍ରୀ ୱାଙ୍ଖ୍‌ଡେ ପ୍ରଥମଥର ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେହିପରି  ବରିଷ୍ଠ ବିଜେପି

ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ଆସନରୁ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ସାଂସଦ ନବନୀତ ରାଣାଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି । ଏହି ସଂରକ୍ଷିତ ଆସନ ପାଇଁ ମୋଟ୍ ୩୭ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଆସନ୍ତା ୨୬ ତାରିଖ ଦିନ ସେଠାରେ ମତଦାନ କରାଯିବ ।

# ଅମିତ ଶାହା ରୋଡ୍ ଶୋ

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଅପରାହ୍ଣରେ ବେଙ୍ଗାଲୁରୁ ଦକ୍ଷିଣ ନିର୍ବାଚନ ମଣ୍ଡଳୀରେ ଏକ ରୋଡ୍ ଶୋ'ରେ ଅଂଶ ଗ୍ରହଣ କରିଥିଲେ । ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ  ସେଠାକାର କଂଗ୍ରେସ ସରକାର ଦୁର୍ନୀତି ଏବଂ ତୁଷ୍ଟୀକରଣ ନୀତି ଆପଣାଉଛି ବୋଲି ସେ କହିଛନ୍ତି । ରାଜ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଅପାରଗ ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି । ବେଆଇନ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ଥିବା ସଂସ୍ଥାଗୁଡ଼ିକୁ କଂଗ୍ରେସ ସରକାର ସହଯୋଗ ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି । ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରି ବିକାଶ ଲକ୍ଷ୍ୟରେ ନରେନ୍ଦ୍ର ମୋଦୀ ସରକାରଙ୍କୁ ସମର୍ଥନ କରିବାକୁ ସେ ଭୋଟରମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ବି.ଏସ୍. ୟେଦୁରପ୍ପା, ବିଧାନସଭାର ବିରୋଧୀଦଳ ନେତା ଆର୍. ଅଶୋକ,

ବେଙ୍ଗାଲୁରୁ ଦକ୍ଷିଣ ଲୋକସଭା ଆସନର ଦଳୀୟ ପ୍ରାର୍ଥୀ ଯୋଗ ଦେଇଥିଲେ ।

## ଓ୍ୱାର୍ଲଡ ଆଥ୍‌ଲେଟ୍‌

୨୦୨୪ ବିଶ୍ୱ ଦୌଡ଼କୁଦ ରିଲେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଲାଗି ଭାରତ ଏକ ୧୫ ଜଣିଆ ସଦସ୍ୟ ଦଳ ଘୋଷଣା କରିଛି । ପ୍ୟାରିସ୍‌ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ । ବାହାମାସ୍‌ର ନାସାଉ ଠାରେ ଆସନ୍ତା ମାସ ୪ ଓ ୫ ତାରିଖରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗୀମାନେ ୪ଶହ ମିଟର ରିଲେ ପ୍ରତିଯୋଗିତାରେ ପୁରୁଷ, ମହିଳା ଓ ମିଳିତ ବର୍ଗରେ ଅଂଶ ଗ୍ରହଣ କରିବେ । ୪ଶହ ମିଟର ରିଲେ ପାଇଁ ୮ ଜଣିଆ ପୁରୁଷ ଦଳ ଘୋଷଣା କରାଯାଇଛି । ସେହିଭଳି ୭ ଜଣ ମହିଳା ସଦସ୍ୟଙ୍କୁ ଏହି ପ୍ରତିଯୋଗିତା ପାଇଁ ମନୋନିତ କରାଯାଇଛି ।

## ଦିଲ୍ଲୀ ଫ୍ଲାଇଟ୍‌ସ ଡାଇଭର୍ଟେଡ୍‌

ଦିଲ୍ଲୀରେ ଗତକାଲି ପ୍ରତିକୂଳ ପାଗ ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ଅବତରଣ କରିବାକୁ ଥିବା ୧୫ଟି ବିମାନକୁ ଅନ୍ୟ ବିମାନ ବନ୍ଦରକୁ ସ୍ଥାନାନ୍ତରଣ କରାଯାଇଥିଲା । ସେଥିମଧ୍ୟରୁ ଜୟପୁର ବିମାନ ବନ୍ଦରକୁ ୯ଟି, ଅମ୍ରିତସର ଏବଂ ଲକ୍ଷ୍ନୌକୁ ୨ ଟି ଲେଖାଏଁ ଏବଂ ମୁମ୍ବାଇ ଓ ଚଣ୍ଡୀଗଡ଼କୁ ଗୋଟିଏ ଲେଖାଏଁ ବିମାନକୁ ସ୍ଥାନାନ୍ତର

କରାଯାଇଥିଲା । ଗତକାଲି ସନ୍ଧ୍ୟାରେ ଦିଲ୍ଲୀରେ ହଠାତ୍ ପାଗ ପରିବର୍ତ୍ତନ ହୋଇ ପ୍ରବଳ ବର୍ଷା ହୋଇଥିଲା ।

## ଅରୁଣାଚଳ ପ୍ରଦେଶ-ଇଲେକ୍ସନ୍

ଅରୁଣାଚଳ ପ୍ରଦେଶର ୮ଟି ବୁଥ୍‌ରେ ଆଜି ପୁନଃ ମତଦାନ ହେଉଛି । ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ମତଦାନ ପ୍ରକ୍ରିୟା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚାଲିବ । ସୂଚନାଯୋଗ୍ୟ ଗତ ୧୯ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଅରୁଣାଚଳ ପ୍ରଦେଶର ଦୁଇଟି ଲୋକସଭା ଏବଂ ୫୦ଟି ବିଧାନସଭା ଆସନରେ ମତଗ୍ରହଣ କରାଯାଇଥିଲା । ତେବେ ଏହି ୮ଟି ବୁଥ୍‌ରେ ଗଣ୍ଡଗୋଳ ଘଟିବାରୁ ସେଠାରେ ମତଦାନ ସମ୍ଭବ ହୋଇପାରି ନଥିଲା ।

## ୟୁଜିସି ୱ୍ୱାର୍କସପ୍

ଦେଶରେ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଢ଼ାଞ୍ଚାଗତ ଉନ୍ନତି ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ଗତକାଲି ନୂଆଦିଲ୍ଲୀ ଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶୈକ୍ଷିକ ତଥା ପେଶାଗତ ବାତାବରଣ ଉନ୍ନତ କରିବା ଲକ୍ଷ୍ୟରେ ଏହି କର୍ମଶାଳାରେ ବିସ୍ତୃତ ବିଚାର ବିମର୍ଶ କରାଯାଇଛି । ଦେଶରେ ଶିକ୍ଷା ବ୍ୟବସ୍ଥାର

ଭବିଷ୍ୟତକୁ ଦୃଷ୍ଟିରେ ରଖି ବହୁ ବିଶେଷଜ୍ଞ ଏହି କର୍ମଶାଳାରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ ।

## ଇଲେକ୍ସନ

ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅଣାନବେଟି ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ପ୍ରଚାର ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳ ତଥା ପ୍ରାର୍ଥୀଙ୍କ ପକ୍ଷରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନିର୍ବାଚନୀ ର୍ୟାଲି ତଥା ଘରକୁ ଘର ଯାଇ ଭୋଟ ପ୍ରଚାର ଜୋର ଧରିଛି । ରାଜନୈତିକ ଦଳ ଗୁଡ଼ିକର ବରିଷ୍ଠ ନେତା ବିଭିନ୍ନ ଜାଗାରେ ନିର୍ବାଚନୀ ସଭାଗୁଡ଼ିକରେ ଉଦ୍‌ବୋଧନ ଦେଇ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗୁଛନ୍ତି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଛତିଶଗଡ଼ର ସରଗୁଜା ଲୋକସଭା ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ଅମ୍ବିକାପୁର ସହରରେ ନିର୍ବାଚନ ସଭାରେ ଭାଷଣ ଦେବେ । ଗତକାଲି ଛତିଶଗଡ଼ର ଚମ୍ପା ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଞ୍ଜଗିରିଠାରେ ନିର୍ବାଚନୀ ସଭାରେ ଭାଷଣ ଦେଇ ଏନ୍‌ଡିଏ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ । ସେହିଭଳି ମହାସମୁଦ ଲୋକସଭା ନିର୍ବାଚନ ମଣ୍ଡଳୀର

ଧମ୍ତରୀ ସହରରେ ମଧ୍ୟ ଏକ ନିର୍ବାଚନୀ ସଭାରେ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ରାଜସ୍ଥାନର କେତେକ ନିର୍ବାଚନୀ ସଭାରେ ମଧ୍ୟ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଭିନ୍ନ ଭିନ୍ନ ନିର୍ବାଚନୀ ସଭାଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । କଂଗ୍ରେସ ପକ୍ଷରୁ ମଧ୍ୟ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ, ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ ପ୍ରମୁଖ ଭିନ୍ନ ଭିନ୍ନ ନିର୍ବାଚନୀ ସଭାରେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେହିଭଳି ଅନ୍ୟାନ୍ୟ ପ୍ରମୁଖ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ମଧ୍ୟ ନିର୍ବାଚନୀ ସଭାଗୁଡ଼ିକର ଆୟୋଜନ କରାଯାଇ ପ୍ରଚାର  କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ।

## ଇଲେକ୍ସନ-ଫୋର୍ଥ ଫେଜ୍

ଆସନ୍ତା ମେ ୧୩ ତାରିଖରେ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଜମ୍ମୁ-କଶ୍ମୀର ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ। ଏଥିପାଇଁ ଚାଲିଥିବା ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆସନ୍ତାକାଲି ଶେଷ ହେବ । ୨୬ ତାରିଖରେ

ନାମାଙ୍କନପତ୍ର ଯାଞ୍ଚ ହେବ । ଆସନ୍ତା ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି ।

## କୋର୍ଟ୍-କେଜରିୱାଲ ଆଣ୍ଡ କବିତା

ଦିଲ୍ଲୀ ଅବକାରୀ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଭାରତ ରାଷ୍ଟ୍ର ସମିତି (ବି.ଆର୍.ଏସ୍) ନେତା କେ. କବିତାଙ୍କ ବିଚାର ବିଭାଗୀୟ ହେପାଜତ ଅବଧିକୁ ଦିଲ୍ଲୀ ରାଉଜ୍ ଆଭେନ୍ୟୁ କୋର୍ଟ ଆସନ୍ତା ମେ ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

ମେ ୭ ତାରିଖ ଅପରାହ୍ଣରେ ଭର୍ଚୁଆଲ୍ କନଫରେନ୍ସିଂ ଜରିଆରେ ଉଭୟ କେଜ୍ରିୱାଲ ଏବଂ ଶ୍ରୀମତୀ କବିତାଙ୍କୁ ହାଜର କରିବାକୁ ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାଭେଜା ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପତ୍ନୀ ସୁନୀତାଙ୍କ ଉପସ୍ଥିତିରେ ଅରବିନ୍ଦ କେଜ୍ରିୱାଲ୍ ଡାକ୍ତରଙ୍କ ସହ ଦୈନିକ ୧୫ ମିନିଟ୍ ଡାକ୍ତରୀ ପରାମର୍ଶ ପାଇଁ ଆମ୍ ଆଦମୀ ପାର୍ଟି ନେତାଙ୍କ ଆବେଦନକୁ ଖାରଜ କରିବାର ଗୋଟିଏ ଦିନ ପରେ ଅଦାଲତ ଏହି ରାୟ ଶୁଣାଇଛନ୍ତି ।

ସୂଚନା ଯୋଗ୍ୟ ମାର୍ଚ୍ଚ ୨୧ରେ ଦିଲ୍ଲୀ ହାଇକୋର୍ଟ  କେନ୍ଦ୍ରୀୟ ଏଜେନ୍ସିର କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେବା ପାଇଁ ମନା କରିଦେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ – ଇ.ଡି.  ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଥିଲା । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା

ତେଲେଙ୍ଗାନାର ଏମ୍.ଏଲ୍.ସି. ଶ୍ରୀମତୀ କବିତାଙ୍କୁ ଇଡି ମାର୍ଚ୍ଚ ୧୫ରେ ଗିରଫ କରିଥିଲା। ପରେ ସେ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ସି.ବି.ଆଇ. ତାଙ୍କୁ ଗିରଫ କରିଥିଲା।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତିକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଚେନ୍ନାଇକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଚେନ୍ନାଇ ୪ ୱିକେଟ୍ ବିନିମୟରେ ୨୧୦ ରନ୍ ସଂଗ୍ରହ କରିଥିଲା । ଅଧିନାୟକ ଋତୁରାଜ ଗାଇକ୍ୱାଡ୍ ୬୦ଟି ବଲ୍‌ରୁ ୧୦୮ ରନ୍‌ର ଅପରାଜିତ ପାଳି ଖେଳିଥିଲେ । ଶୁଭମ୍ ଦୁବେ ୨୭ଟି ବଲ୍‌ରୁ ୬୬ ରନ୍ ସଂଗ୍ରହ କରିଥିଲେ । ତେବେ ୨୧୧  ରନ୍‌ର ବିଜୟଲକ୍ଷ୍ୟକୁ ଲକ୍ଷ୍ନୌ ୧୯ଓଭର ୪ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମାକ୍ସ ଷ୍ଟଇନିସ୍ ୧୨୪ ରନ୍‌ର ଅପରାଜିତ ପାଳି ଖେଳି ଦଳକୁ ବିଜୟୀ କରିଥିଲେ । ଷ୍ଟଇନିସ୍‌ଙ୍କୁ  ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଏହି ବିଜୟ ସହ ଲକ୍ଷ୍ନୌ ମୋଟ୍ ୧୦ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ଥିବା ବେଳେ ଚେନ୍ନାଇ ୮ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି ।

ଆଜି ସନ୍ଧ୍ୟା ସାଢ଼େ ୭ଟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ମୁକାବିଲା ହେବ ।